# ତହସିଲଦାରଙ୍କ କାର୍ଯ୍ୟାଳୟ, ହିଞ୍ଜିଳିକାଟୁ  (ଗଞ୍ଜାମ)

ପତ୍ର ସଂଖ୍ୟା ...୩୦୬୮.../ ସଇରାତ  ତା ...୧୨./୦୪./୧୮

## ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ନିମନ୍ତେ ବିଜ୍ଞାପନ

[ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଅନୁଯାୟୀ ]

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ **ହିଞ୍ଜିଳିକାଟୁ** ତହସିଲ ଅନ୍ତର୍ଗତ Annexure - 1 ରେ ପ୍ରଦତ୍ତ **୫ ଗୋଟି** ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଗୁଡ଼ିକୁ ଅନୂନ୍ୟ **୫ (ପାଞ୍ଚ) ବର୍ଷ** ନିମନ୍ତେ (**୨୦୧୮-୧୯ ଠାରୁ ୨୦୨୨-୨୩ ପର୍ଯ୍ୟନ୍ତ**) ଦିର୍ଘମିଆଦୀ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

**ପ୍ରକାଶ ଥାଉକି ଲିଜ୍‌ରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କ ଉତ୍ସଗୁଡିକୁ ପରିଦର୍ଶନ କରି, ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ । ଲିଜ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ, ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।**

ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ବର୍ଣ୍ଣିତ ଫର୍ମ-M ପୂରଣକରି ତତ୍ ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ୍ ଦାଖଲ କରିବା ହେବେ ।

୧. ଦରଖାସ୍ତ ଫିଜ୍ ବାବଦକୁ ଟ.୧,୦୦୦/- (ଏକ ହଜାର)ଟଙ୍କାର ଟ୍ରେଜେରୀ ଚାଲାନ୍ **(Head of Account-0853-Non-Ferrous Mining and Metallurgical Industries-102-Mineral concession Fess, Rents and Royalties** ), **ଏହି ଦରଖାସ୍ତ ଫିଜ୍ ଫେରସ୍ତ କରାଯିବ ନାହିଁ ।**

୨. ଉତ୍ସର ନାମ, ତଫସିଲ ଓ ସରହଦ୍‌ର ବିବରଣୀ ସଂଲଗ୍ନ କରିବା ହେବେ ।

୩. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ।

**ଓଲଟାନ୍ତୁ .............ପୃଷ୍ଠା - ୨**

୪. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟଉତ୍ତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲ୍‌ଟିର ସମପରିମାଣର ଏକ ଶୋଧକ୍ଷମ ପ୍ରମାଣପତ୍ର (Solvency Certificate ଯାହାର ଅବଧି ଅଠର ମାସ ହେବା ଆବଶ୍ୟକ) କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee)
[Requisite Extent of Solvency = Minimum Guaranteed Quantity / Bank Guarantee X (Offered Additional Charge + Royalty)]

୫. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲ୍‌ଟିର ଶତକଡା ୫ ଭାଗ EMD (Earnest Money Deposit) ନିମନ୍ତେ ତହସିଲଦାରଙ୍କ ନାମରେ ଚଳବନ୍ଧକକୃତ ବା Pledged ବ୍ୟାଙ୍କ ଡ୍ରାଫଟ୍ । ନିର୍ଦ୍ଧାରିତ ହୋଇଥିବା EMD (Earnest Money Deposit) **ର ପରିମାଣକୁ ଆବେଦନକାରୀ ତହସିଲଦାରଙ୍କ ନାମରେ** ଚଳବନ୍ଧକକୃତ ବା Pledged ବ୍ୟାଙ୍କ ଡ୍ରାଫଟ୍ ମାଧ୍ୟମରେ ଦରଖାସ୍ତ ସହ ସଂଲଗ୍ନ କରିବେ ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

୬. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଅସ୍ଥାବର ସମ୍ପତ୍ତି ତାଲିକା । ଯଦି ଦରଖାସ୍ତକାରୀ ଚାହାଁନ୍ତି ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ତଥା ବୈଷୟିକ ଜ୍ଞାନ, ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣପତ୍ର ସଂଲଗ୍ନ କରିପାରନ୍ତି ।

୭. ଆବେଦନକାରୀଙ୍କ PAN Card ର ନକଲ ।

୮. ଗତବର୍ଷର ଆୟକର ଦାଖଲ (Income Tax Return Filing) ବିବରଣୀର ନକଲ ।

୯. ଦରଖାସ୍ତକାରୀ ଦରଖାସ୍ତ ଲଫାଫାର ଉପରିଭାଗରେ ବଡ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ ଠିକଣା ଓ ଫୋନ ନଂ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ , ନଚେତ ଦରଖାସ୍ତଟିକୁ ନାକଚ କରିଦିଆଯିବ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ-ଦିଆ ଲଫାଫାରେ ରେଜିଷ୍ଟ୍ରିଡାକ ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଜଉମୁଦ-ଦିଆ ଟେଣ୍ଡର

ଓଲଟାନ୍ତୁ .............ପୃଷ୍ଠା - ୩

ବାକ୍ସରେ ତା. ୧୩.୦୪.୨୦୧୮ ରିଖରୁ ତା.୨୭.୦୪.୨୦୧୮ ରିଖ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ଅପରାହ୍ନ ୫ ଘଟିକା ମଧ୍ୟରେ ଦାଖଲ କରିପାରିବେ । ଉପରୋକ୍ତ ସମୟ ପରେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

ଠିକଣା **ତହସିଲଦାରଙ୍କ କାର୍ଯ୍ୟାଳୟ, ହିଞ୍ଜିଳିକାଟୁ, ଜିଲ୍ଲା – ଗଂଜାମ, ରାଜ୍ୟ – ଓଡିଶା, ପିନ୍ ନଂ - ୭୬୧୧୦୨** ଆବେଦନକାରୀ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା (Competent Authority) ଧାର୍ଯ୍ୟ ହୋଇଥିବା ଅତିରିକ୍ତ ଦେୟ ତଥା ରୟାଲ୍‌ଟି ମୂଲ୍ୟ ଠାରୁ କମ୍ ମୂଲ୍ୟ ଦର୍ଶାଇଲେ, ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।

ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତା.୨୮.୦୪.୨୦୧୮ ରିଖ ଦିବା ୧୧ ଘଟିକା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ । **ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ରୟାଲଟି ଉପରେ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ ।**

**ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ରୟାଲ୍‌ଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।** ଆବେଦନ ପତ୍ରରେ ରୟାଲଟି ଦର୍ଶାଇବା ପାଇଁ ଧାର୍ଯ୍ୟ ହୋଇଥିବା ସ୍ଥାନରେ ରୟାଲଟି ସହ ଅତିରିକ୍ତ ଦେୟ ପୃଥକ ପୃଥକ ଭାବରେ ଦର୍ଶାଇବେ ।

ଯୋଗ୍ୟବିବେଚିତ ଆବେଦନକାରୀଙ୍କୁ ମନୋନୟନର ୭ (ସାତ) ଦିନ ମଧ୍ୟରେ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମରେ ଜଣାଇଦିଆଯିବ । ସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଙ୍ଗେସଙ୍ଗେ ଅମାନତ ରାଶି ଜମା କରିବେ । ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲ୍‌ଟି ଏବଂ ଜିଲ୍ଲା ଖଣିଜ ପାଣ୍ଠିକୁ (District Mineral Foundation) ଦେବାକୁ ଥିବା ଦେୟରୁ ଏକ ଚତୁର୍ଥାଂଶରୁ Earnest Money କୁ ବାଦ ଦେଇ ବଳକା ଥିବା ରାଶିର ପରିମାଣ ସୁଧ ରହିତ ଅମାନତ ରାଶିର ଗ୍ରହଣ ପରିମାଣ ସହ ସମାନ ହେବ । ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ସ୍ଥଳବିଶେଷରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପରିବର୍ତ୍ତନ କରାଯାଇପାରେ ।

**ଓଲଟାନ୍ତୁ .............ପୃଷ୍ଠା - ୪**

ମନୋନିତ ଆବେଦନକାରୀ ଚାରି ମାସ ମଧ୍ୟରେ **Mining Plan** ତଥା **Environmental Clearance** ଦାଖଲ କରିବା ବାଧ୍ୟତା ମୂଳକ ଅଟେ । ଅନ୍ୟଥା ଆଇନ ଅନୁଯାୟୀ ଆବଶ୍ୟକ ସ୍ଥଳେ ଲିଜ୍ ନାକଚ ହେବ ଏବଂ ଅମାନତ ରାଶି ସରକାରୀ ତହବିଲରେ ଜମା ହେବ ।

ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନୀତ ଆବେଦନକାରୀଙ୍କୁ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ୨୦୧୬ ର ନିୟମାବଳୀ ପ୍ରକାରେ ସମସ୍ତ ଦେୟ ଜମା ଦେଇ ଲିଜ୍ ପାଇଁ ଚୁକ୍ତିପତ୍ର ସମ୍ପାଦନ କରିବାକୁ ହେବ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ୍‌ପାଇଁ ଆଯୋଗ୍ୟ ବିବେଚିତ ହୁଅନ୍ତି, ତା ହେଲେ ତା ୩୦.୦୪.୨୦୧୮ ରିଖରୁ ତା.୦୭.୦୫.୨୦୧୮ ରିଖ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଇଚ୍ଛୁକ ବ୍ୟକ୍ତିମାନେ ପ୍ରଥୋମକ୍ତ ମତେ ଦରଖାସ୍ତ ଦାଖଲ କରିପାରିବେ, ସେ ସମସ୍ତ ବ୍ୟକ୍ତିଙ୍କ ଉପସ୍ଥିତରେ ତା.୦୮.୦୫.୨୦୧୮ ରିଖ ଦିବା ୧୧ ଘଟିକା ସମୟରେ ଜଉମୁଦ ଖୋଲାଯାଇ ଲିଜ୍ ନିମନ୍ତେ ଚୟନ କରାଯିବ । ସେହିପରି ଯଦି ଦ୍ୱିତୀୟଥର ମଧ କୌଣସି ଉତ୍ସ ପାଇଁ ଆଦୌ ଦରଖାସ୍ତ ଆସି ନଥାଏ କିମ୍ବା ସମସ୍ତ ଉତ୍ସ ପାଇଁ ଆଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତୃତୀୟଥର ପାଇଁ ତା.୦୯.୦୫.୨୦୧୮ ରିଖରୁ ତା.୧୫.୦୫.୨୦୧୮ ରିଖ ମଧ୍ୟରେ ଉପରୋକ୍ତ ମତେ ଦରଖାସ୍ତ ଦାଖଲ କରିପାରିବେ ଏବଂ ସେ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧୀକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ତା.୧୬.୦୫.୨୦୧୮ ଦିବା ୧୧ ଘଟିକା ସମୟରେ ଜଉମୁଦ ଖୋଲାଯାଇ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ପରବର୍ତ୍ତୀ ସମୟରେ ଯଦି କୌଣସି ଦେୟର ମୂଲ୍ୟ ବୃଦ୍ଧି ହୁଏ କିମ୍ବା ସରକାରଙ୍କ ଦ୍ୱାରା କୌଣସି ନୂତନ ଦେୟ ଧାର୍ଯ୍ୟ ହୁଏ, ତେବେ ଉକ୍ତ ଦେୟ ଆଦାୟ କରିବାର ଅଧିକାର ନିମ୍ନସ୍ୱାକ୍ଷରକାରୀଙ୍କର ରହିଛି । ଏହି ବିଜ୍ଞାପନ ସମ୍ବନ୍ଧୀୟ ଦେୟ ସମସ୍ତ ଯୋଗ୍ୟ ଆବେଦନକାରୀମାନଙ୍କ ଠାରୁ ଆଦାୟ କରାଯିବ ।

ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତୃଟି ପରିଲିକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନସ୍ୱାକ୍ଷରକାରୀଙ୍କର ରହିଛି ।

୨୭/୪/୧୮

ତହସିଲଦାର, ହିଞ୍ଜିଳିକାଟୁ
ଗଞ୍ଜାମ

## Annexure-I

| Sl.No | Name of the village/Mouza | Name of the Source | Type | Khata No. | Plot No. | Area (in Hc.) | Rate of royalty per cum (in Rs.) | Additional Charge (in Rs.) | Minimum Guaranteed Quantity (in Cum) | Solvency (in Rs.) | EMD (in Rs.) |
|---|---|---|---|---|---|---|---|---|---|---|---|
| 1 | Nuagada | Stone Quarry Nuagada | Stone | 583 | 1905, 1908, 1975 | 1.011 | 135 | 7 | 1310 | 186020 | 9301 |
| 2 | Hinjili | Stone Quarry Hinjili | Stone | 1553 | 3517 | 0.494 | 135 | 7 | 210 | 29820 | 1491 |
| 3 | Burupada, Khandara, Kharida | Sand Bed, Burupada | Sand | 648, 604, 554 | 1419, 1600, 3108, 1419/3110, 3015/3109, 4194, 3361, 3954, 3960 | 46.198 | 35 | 2 | 24000 | 888000 | 44400 |
| 4 | Bhabandha | Stone Quarry Bhabandha | Stone | 798 | 1846, 1849, 442 | 0.652 | 135 | 7 | 1211 | 171962 | 8598 |
| 5 | Badi Ambagam | Stone quarry, Badi Ambagam | Stone | 679 | 2133 | 1.214 | 135 | 7 | 2800 | 397600 | 19880 |

Tahasildar, Hinjilicut